# Akashvani, Sambalpur

## SAMBALPURI NEWS BULLETIN

### 17 August 2024- 6.47- 6.52 am.

*********************************************

ବିଧାୟକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍        ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ବିଧାୟକ୍ମାନ୍କର୍ ଲାଗି ଆଏଜ୍ ଠାନୁ ଭୁବ୍ନେଶ୍ୱର୍ ଠାନେ ଗୁଟେ ୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ମୁଲ୍ ହେଉଛେ । କେନ୍ଦ୍ର ସଂସଦୀୟ ବ୍ୟାପାର୍ ଆଉ ସଂଖ୍ୟାଲଘୁ ମନ୍ତ୍ରୀ କିରନ୍ ରିଜିଜୁ ଆଏଜ୍ ସଖାଲ୍ବେଲା ୧୦ ବାଜିକରି ୪୫ ମିନିଟ୍ଥି ଇତାର୍ ଉଦ୍ଘାଟନ୍ କର୍ବେ । ଇଥି ବିଧାନ୍ସଭାର୍ ସଦସ୍ୟମାନ୍କୁ ଗୃହର୍ ନୀତି ନିୟମ୍ ଆର୍ ଗୃହ ପରିଚାଳନା ବାବ୍ଦେ  ତାଲିମ୍ ଦିଆଯିବା । ଇଥର ବିଧାନ୍ସଭାକେ ୮୪ ଝନ୍ ନୂଆଁ ବିଧାୟକ୍ ପହେଲାଥର୍ ଲାଗି ଆସିଛନ୍ । ବହୁତ୍ଟେ ବିଧାୟକ୍ ଗୃହର୍ ନୀତି ନିୟମ୍ ବାବ୍ଦେ ଅଭ୍ୟସ୍ତ ନାଇଁନ । ସେଥିର୍ଲାଗି ସେମାନ୍କୁ ତାଲିମ୍ ଦେବାର୍ ସହେତେ ପୁର୍ନା ସଦସ୍ୟମାନ୍କୁ ନେଭା ଆପ୍ଲିକେସନ୍ ବାବ୍ଦେ ଜନାବାର୍ ଲାଗି ବାଚସ୍ପତି ଇ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଇଥର ବିଜେପିନୁ ସବୁନୁ ଅଏତ୍‌କା ୫୪ ଝନ୍ ନୂଆଁକରି ବିଧାୟକ୍ ଥିବାର୍ ବେଲେ ବିଜେଡ଼ିନୁ ୧୮, କଂଗ୍ରେସ୍‌ନୁ ୯ ଆର୍ ୩ ଝନ୍ ସ୍ୱାଧୀନ୍ ନୂଆଁକରି ନିର୍ବାଚିତ୍ ବିଧାୟକ୍ ଅଛନ୍ ।

ତୈଲ ନିଗମ୍ ନିର୍ଦ୍ଦେଶକ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଭାରତୀୟ ତୈଲ ନିଗମ୍‌ର ନିର୍ଦ୍ଦେଶକ୍ ସୁଜୟ ଚୌଧୁରୀ - ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଗଲାକାଏଲ୍ ଭେଟିଛନ୍ । ଇ ଅବ୍‌ସରେ ତୈଲ ନିଗମ୍ ତର୍‌ଫୁ ଓଡ଼ିଶା ନ ହେବାର୍‌କେ ଥିବା ଭିନ୍ ଭିନ୍ ପ୍ରକଳ୍ପ ବାବ୍‌ଦେ ଶ୍ରୀ ଚୌଧୁରୀ- ମୁଖ୍ୟମନ୍ତ୍ରୀଙ୍କୁ ଜନେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ବିକାଶ୍ ଲାଗି ତୈଲ ନିଗମ୍‌କେ ସହଯୋଗ୍ ଯୁଗେଇ ଦିଆଯିବା ବଲି କହିଥିଲେ ।

ଓଡ଼ିଶା ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ୍ ବୈଠକ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଓଡ଼ିଶା ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ୍‌ର ଗୁଟେ ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ବୈଠକ୍‌ଥି ଯୋଗ୍ ଦେଇକରି ବୋର୍ଡ୍‌ର ଭିନ୍ ଭିନ୍ କାମ୍ ବାବ୍‌ଦେ ସମୀକ୍ଷା କରିକରି ପ୍ରଦୂଷଣ୍ ନିୟନ୍ତ୍ରଣ୍ ତଦାରଖ୍ ବ୍ୟବସ୍ଥାକେ ଅଏତ୍‌କା ପ୍ରଭାବୀ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ । ବୋର୍ଡ୍ ଅଧୀନ୍‌ଥି ପରିବେଶ୍ ନିରୀକ୍ଷଣ୍ ଆଉ ତଥ୍ୟ ବିଶ୍ଳେଷଣ୍ କେନ୍ଦ୍ର ଥାପ୍‌ନା ଲାଗି ବୈଠକ୍‌ଥି ପ୍ରସ୍ତାବ୍ ଦିଆଯାଇଥିଲା । ଇ କେନ୍ଦ୍ର ପରିବେଷ ପ୍ରଦୂଷଣ୍‌କେ ନିୟନ୍ତ୍ରଣ୍ କର୍‌ବାର୍‌ଥି ତଦାରଖ୍ ବ୍ୟବସ୍ଥା, ଭିନ୍ ଭିନ୍ ପ୍ରକଳ୍ପ ଆର୍ ତଥ୍ୟ ବିଶ୍ଳେଷଣ୍ କରିକରି ପରିବେଶ୍ ପରିଚାଳନା ବାବଦ୍ ନିଷ୍ପତିକେ ସୁବିଧା କର୍‌ବାର୍‌ଥି ସାହାଜ୍ କର୍‌ବା । ବୈଠକ୍‌ଥି ଗବେଷଣା, ବିକାଶ୍ ଆଉ ଉପକୂଳ ସେଲ୍ ପ୍ରକଳ୍ପଥି ପିଏଚ୍‌ଡ଼ି ଗବେଷଣା କରିଥିବାର୍ ଛାତ୍ରଛାତ୍ରୀମାନ୍‌କୁ ନିୟୋଜିତ କର୍‌ବାର୍‌କେ ପ୍ରସ୍ତାବ୍ ଦିଆଯାଇଥିଲା । ଇତାର୍‌ଛଡ଼ା ବାୟୋମେଡ଼ିକାଲ୍ ବର୍ଜ୍ୟବସ୍ତୁ ପରିଚାଳନାଥି ଅର୍ଥବ୍ୟବସ୍ଥା ପ୍ରସ୍ତାବ୍ ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା ।

ଜାହାଜ୍ ତିଆରି ଇତାର୍ ରିସାଇକ୍ଲିଂ ବୈଠକ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗୁଟେ ଘରୋଇ ଜାହାଜ୍ ନିର୍ମାଣ୍‌କାରୀ ସଂସ୍ଥା ଇଂଟିଗ୍ରେଟେଡ୍ ଗ୍ରୀନ୍ ସିପ୍ ରିସାଇକ୍ଲିଂ ଇଣ୍ଡିଷ୍ଟ୍ରି ପାର୍କ ପ୍ରତିଷ୍ଠା କର୍‌ବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଜାହାଜ୍ ତିଆରି ଆଉ ଇତାର୍ ରିସାଇକ୍ଲିଂ ଉପ୍‌ରେ ହେଇଥିବା ଗୁଟେ ବୈଠକ୍‌ନୁ ଇ ବାବ୍‌ଦେ ସୂଚ୍‌ନା ମିଲିଛେ । ଇ ପାର୍କ ପ୍ରତିଷ୍ଠା ହେଲେ ରାଜ୍ୟ ଅର୍ଥନୀତିର୍ ଅଭିବୃଦ୍ଧି ହେବା ଆଉ ୨୦ ହଜାର୍ ପ୍ରତ୍ୟକ୍ଷ ରୋଜ୍‌ଗାର୍ ଆଉ ୫୦ ହଜାର୍ ପରୋକ୍ଷ ରୋଜ୍‌ଗାର୍ ସୃଷ୍ଟି ହେଇପାର୍‌ବା । ଇତାର୍‌ଛଡ଼ା ପାର୍କ ପ୍ରତିଷ୍ଠା ହେଲେ ବଛର୍‌କ ୩ ଶହ ଜାହାଜ୍‌ର ରିସାଇକ୍ଲିଂ ହେଇପାର୍‌ବା । ଇନୁ ବଛର୍‌କ ୫ ନିୟୁତ ଟନ୍ ଉଚ୍ଚମାନର ଷ୍ଟିଲ୍ ଓଡ଼ିଶାକେ ମିଲ୍‌ବା ଆର୍ ଓଡ଼ିଶାର୍ ଜିଡ଼ିପିଥି ବଛର୍‌କ ୨ ଶହ କୋଟି ଡଲାର୍ ଜୁଡ଼ି ହେବାର୍ ଆକଲନ୍ କରାଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ୍ ବିଭାଗ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଲାହାଣ୍ଡି ଜିଲ୍ଲାଗସ୍ଥ୍ ଆସିକରି ଗଲାକାଏଲ୍ ଭବାନୀପାଟ୍ନା ଠାନେ ସାଧାରଣ ବଂଟନ୍ ବ୍ୟବସ୍ଥାର୍ କାର୍ଯ୍ୟକାରିତା ଆଉ ଧାନ୍ ସଂଗ୍ରହ ବ୍ୟବସ୍ଥା ବାବ୍ଦେ ସମୀକ୍ଷା କରିଛନ୍ । ବୈଠକ୍ଥି ବିଭାଗୀୟ ଅଧିକାରୀମାନେ ଦାୟିତ୍ୱର୍ ସହେତେ କର୍ବାର୍କେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ । ଧାନ୍ ବିକ୍ରି ସମିଆଥି ପ୍ରକୃତ ଚାଷୀ ଯେନ୍ତା ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାର୍ବେ ସେଥିର୍ଲାଗି ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ଜିଲ୍ଲା ନ ଚାଷୀମାନ୍କର୍ ପଞ୍ଜିକରଣ୍ ପ୍ରକ୍ରିୟା, ମଣ୍ଡି ବ୍ୟବସ୍ଥା, ରାସନ୍ କାର୍ଡ଼୍, ଯୋଗ୍ୟ ଆଉ ଅଯୋଗ୍ୟ ହିତାଧିକାରୀ ବାବ୍ଦେ ବୈଠକ୍ଥି ବିବରଣୀ ଉପସ୍ଥାପନ୍ କରିଥିଲେ ।

ଭାରତୀୟମ୍ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆର୍ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ତ୍ରିରଙ୍ଗା ଅଭିଯାନ୍ର ଦେଶାତ୍ମବୋଧ ସଂଗୀତ ଉତ୍ସବ୍ 'ଭାରତୀୟମ୍' ହେଇଯାଇଛେ । ଭାରତୀୟ ମୁକ୍ତି ସଂଗ୍ରାମ୍ଥି

ଯେନ୍ ବୀର ମାନେ ନିଜର୍ ବୀରତ୍ୱ ଆଉ ଦୁଃସାହସିକତାର ପରାକାଷ୍ଠା ଦେଖେଇକରି ଦେଶ୍‌କେ ସ୍ୱାଧୀନତା ଆନି ଦେଇଛନ୍ ସେମାନ୍‌କୁ ସୁର୍‌ତା କର୍‌ବାର୍ ଲାଗି ଇ ଦେଶାତ୍ମବୋଧକ୍ ସଂଗୀତ ଉତ୍ସବ୍ ଆୟୋଜନ୍ କରାଯାଇଥିଲା । ଇଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ବିଶିଷ୍ଟ କଣ୍ଠଶିଳ୍ପୀମାନେ ସଂଗୀତ୍ ପରିବେଷଣ୍ କରିଥିଲେ ।

ୟୁଜିସି ନେଟ୍ ଆର୍‌ଏନ୍‌ୟୁ/ କଟକ୍

ୟୁଜିସି ନେଟ୍ - ଜୁନ୍ ପରୀକ୍ଷା ସୂଚୀକେ ସାମାଏନ୍ ବଦ୍‌ଲାଯାଇଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏର ବିଜ୍ଞପ୍ତି ଅନ୍‌ସାରେ ଆଏବା ୨୬ ତାରିଖ୍ ଦିନ ହେବାର୍‌କେ ଥିବା ଇ ପରୀକ୍ଷା ୨୭ ତାରିଖ୍ ଦିନ ହେବା । ଇନ ଜନେଇ ଦିଆଯାଇପାରେ ଯେ, ୟୁଜିସି ନେଟ୍ ପରୀକ୍ଷା ଇ ମାସର୍ ୨୧ ତାରିଖ୍‌ନୁ ମୁଲ୍ ହେଇକରି ଆଏବା ମାସ ୪ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ପର୍ଶ୍ଚିମବଙ୍ଗ୍ ଉପକୂଳ ଆର୍ ତାକେ ଲାଗି କରି ଥିବା ବାଂଲାଦେଶ୍ ଉପକୂଲ ନ ଗୁଟେ ଲଘୁଚାପ୍ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ଉତର୍ ଓଡ଼ିଶାର୍ କେତେଟା ଜାଗା ନ ଜବର୍ ବର୍ଷା ହେଇକରି ବନ୍ୟା ପରିସ୍ଥିତି ହେବାର୍ ସମ୍ଭାବନା ରହିଛେ । ସେଥିର୍‌ଲାଗି ସତର୍କ ରହେବାର୍‌କେ ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ ୧୪ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ଉତ୍‌ରୁ ୩ ଦିନ୍‌ତକ୍ ପର୍ଶ୍ଚିମ ଓଡ଼ିଶାର୍ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ।